# ଇଣ୍ଟର ମିଲାନ ପାଇଁ ଫୁଟବଲ ପ୍ରତିଭା ଚୟନ

ଭୁବନେଶ୍ୱର,୨୫।୧୨(ସ୍ପୋର୍ଟସ ବ୍ୟୁରୋ)-୫ମ ଆନ୍ତଃ ଭାରତୀୟ ଟାଟା ଟି ଜାଗୋରେ ଇଣ୍ଟର ମିଲାନ ଫୁଟବଲ ପ୍ରତିଭା ଚୟନ ଚଳିତମାସ ୨୯ରୁ ଭୁବନେଶ୍ୱର ଠାରେ ଆରମ୍ଭ ହେବ । ୧୫ ବର୍ଷରୁ କମ୍ ବୟସର ଖେଳାଳିମାନଙ୍କୁ ନେଇ ଏହି ଫୁଟବଲ ପ୍ରତିଯୋଗିତା ଏଫସି ଇଣ୍ଟରମିଲାନର ସହଯୋଗରେ ଆୟୋଜିତ ହେଉଛି । ଭୁବନେଶ୍ୱରର ୩୦ରୁ ଅଧିକ ବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ର ଏଥିରେ ଅଂଶଗ୍ରହଣ କରିବେ । ଶ୍ରେଷ୍ଠ ୧୬ଜଣ ଖେଳାଳିଙ୍କୁ ଇଣ୍ଟରମିଲାନ ସହ ଭାରତ ତରଫରୁ ଖେଳିବାର ସୁଯୋଗ ମିଳିବ ।